## ଦୁର୍ଘଟଣାରେ ୨ ଗୁରୁତର

ମୋରଡା,(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ଥାନା ଅଧୀନ ଭାଲିଆଡିହା ପଞ୍ଚାୟତର ବାରମାଇଲ-କୋହି ରାସ୍ତା ପଟାଖାଲି ନିକଟରେ ଏକ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୋଲଘାଟି ଗ୍ରାମର ବୀରେନ ପାତ୍ର ଓ ପଟାଖାଲି ଗ୍ରାମର ଜୟନ୍ତୀ ଧଳ। ସୂଚନା ଅନୁଯାୟୀ, ଜୟନ୍ତୀ ଗାଈ ଚରାଇବାକୁ ନିକଟସ୍ଥ ପଡିଆକୁ ଯାଉଥିବା ବେଳେ ଏକ ବାଇକ୍‌ରେ ବାରମାଇଲ ପଟକୁ ଯାଉଥିବା ବୀରେନ ଗାଈ ସହ ଜୟନ୍ତୀଙ୍କୁ ଧକ୍କାଦେଇ ଛିଟିକି ପଡ଼ିଥିଲେ। ଫଳରେ ଗାଈ ଆହତ ହେବା ସହିତ ବୀରେନ ଓ ଜୟନ୍ତୀ ମଧ୍ୟ ଗୁରୁତର ହୋଇଥିଲେ।

### ସଂକ୍ଷେପରେ

## ଔପଦାରେ ନୂଆ ବିଡିଓ



ଔପଦା, ୩୦।୧୦(ଧରିତ୍ରୀ ପଣ୍ଡା)- ଔପଦାରେ ନୂଆ ବିଡିଓ ଭାବେ ଆଦିକନ୍ଦ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ପୂର୍ବତନ ବିଡିଓ ଅଭିଷେକ ଦାଶ ପୁରୀ ତହସିଲଦାର ଭାବେ ବଦଳି ପରେ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକରୁ ବିଡ଼ିଓ ଆଦିକନ୍ଦ ବେହେରା ଏଠାରେ ଯୋଗଦାନ କରିଛନ୍ତି। ନୂଆ ବିଡିଓଙ୍କ ଦାୟିତ୍ୱ ଗ୍ରହଣ ପରେ ବ୍ଲକସ୍ତରୀୟ ସମସ୍ତ କର୍ମଚାରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ବ୍ଲକସ୍ତରରେ ଥିବା ୧୧ଟି ପଞ୍ଚାୟତ ମଧ୍ୟରୁ ବିଚ୍ଛିନ୍ନ ଥିବା ୫ଟି ପଞ୍ଚାୟତକୁ ପ୍ରଶାସନିକସ୍ତରରେ ସଂଯୋଗ କରିବା ପାଇଁ ଗୁରୁତ୍ୱ ଦେବେ କହିଥିଲେ।

## ସାମାଜିକକର୍ମୀ ସେକ୍ କୁଦ୍ଦୁସଙ୍କ ପରଲୋକ

ଢେଙ୍କିକୋଟ,୩୦।୧୦(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିର ସାମାଜିକକର୍ମୀ ସେକ୍ କୁଦ୍ଦୁସ(୭୫)ଙ୍କ ରବିବାର ପରଲୋକ ଘଟିଛି। ସେ ଉଚ୍ଚ ରକ୍ତଚାପ କାରଣରୁ ପଡ଼ିଯାଇ କିଛି ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନୈତିକ ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ପାଇଁ ବାସଭବନରେ ପହଞ୍ଚିଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ, ସାମାଜିକକର୍ମୀ ଥିଲେ। ଆଖିରେ ବେଲୁନ ଫୁଲାଇ, ଶରୀରରୁ ଘୁଙ୍ଗୁର ଶବ୍ଦ ବାହାର କରି ଚର୍ଚ୍ଚିତ ଥିଲେ। ସୋମବାର ସାନ୍ତରାପୁର ମୁସଲିମ ବସ୍ତି କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୩୦।୧୦(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ତିରିଂ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସନତ ରାଉତ। ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୧୩୮/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଘର ପଛପଟ ବାଡ଼ିକୁ ଏକୁଟିଆ ତୁଳସୀ ପତ୍ର ଆଣିବାକୁ ଯାଇଥିଲା ବେଳେ ଅଭିଯୁକ୍ତ ସନତ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଅଭିଯୋଗର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

ବନ୍ତ,୩୦।୧୦(ହରିନାରାୟଣ ମହାନ୍ତି)- ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ୫୬ ଅଭିଯୋଗର ଶୁଣାଣି କରିଛନ୍ତି। ଆସିଥିବା ସମସ୍ତ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗୁରୁତର ରୋଗର ଚିକିତ୍ସା ପାଇଁ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୫ ହଜାର ଓ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଥିଲେ। ଅନ୍ୟ ଅଭିଯୋଗ ମଧ୍ୟରେ ରାସ୍ତା, ଜବରଦଖଲ, ଭତ୍ତା, ଆବାସ ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀଙ୍କ ମନମୁଖୀ କାର୍ଯ୍ୟ ଆଦି ଅନ୍ତର୍ଭୁକ୍ତ ଥିଲା। ଏଥିସହ ଜଣେ ବାପ ନିଜ ଝିଅଠାରୁ ୨୦ ଲକ୍ଷ ଟଙ୍କା ଧାର୍ ନେଇ ପରିଶୋଧ ନ କରିବାରୁ ତାଙ୍କ ଜ୍ୱାଇଁ ସ୍ତ୍ରୀ ଓ ପିଲାମାନଙ୍କୁ ଘରୁ ବାହାର କରିଦେବା ଭଳି ଏକ ପାରିବାରିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍‌ପି ବାମଦେବ ସିଂ, ଅତିରିକ୍ତ ସିଡିଓ କୁଶଳ ଚନ୍ଦ୍ର ନାଏକ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ ସେଠୀ, ତହସିଲଦାର ଅଙ୍କିତା ବାରିକ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ଡେପୁଟି କଲେକ୍ଟର ରାଜୀବ ହାଁସଦା, ଲିସାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବଜନିତ କ୍ଷତି ଭରଣା ଦାବି

### ଜିଲାପାଳଙ୍କୁ ଭେଟିଲା ଭାଜପା କୃଷକ ମୋର୍ଚ୍ଚା

କେନ୍ଦୁଝର,୩୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ଭାଜପା କୃଷକ ମୋର୍ଚ୍ଚା ସଦସ୍ୟା, ସଦସ୍ୟ।

କେନ୍ଦୁଝର ଜିଲାରେ ଜଙ୍ଗଲ ଦ୍ରୁତଗତିରେ ନଷ୍ଟ ହେଉଛି। ଫଳରେ ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି। ହାତୀ ଓ ମଣିଷ ସଂଘର୍ଷରେ ବହୁ ମାନବ ଜୀବନ ନଷ୍ଟ ହେବା ସହିତ ହାତୀ ଜୀବନ ମଧ୍ୟ ଯାଉଛି। ଏ ନେଇ ସରକାରୀସ୍ତରରେ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଉଭୟ ପକ୍ଷ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ସମାଧାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂଙ୍କ ନେତୃତ୍ୱରେ ଏକ ଦଳ ୮ ଦଫା ଦାବିପତ୍ର କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ପ୍ରଦାନ କରିଛନ୍ତି।

ଦାବି ମଧ୍ୟରେ ହାତୀପଲ କ୍ରମାଗତ ଚାଷୀଙ୍କ ଧାନ, ପନିପରିବା କ୍ଷେତ, ଫଳନ୍ତି ଆମ୍ବ ଓ ଉପଯୋଗୀ ଗଛର କ୍ଷେତକୁ ନଷ୍ଟ କରିଦେଉଛନ୍ତି। କ୍ଷତି ଭରଣା ପାଇଁ ସରକାର ହେକ୍ଟର ପିଛା ଦେଉଥିବା ମାତ୍ର ୨୦ ହଜାର ଟଙ୍କା ରାଶିର ପରିମାଣ ବୃଦ୍ଧି କରି ୫୦ ପଚାଶ ହଜାର କରିବା। ସେହିପରି ହାତୀ ଉପଦ୍ରବ ଯୋଗୁ ଲୋକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ସରକାର କିମ୍ବା ଜିଲା ପ୍ରଶାସନ କେନ୍ଦୁଝର ଡିଏମ୍‌ଏଫ ଫଣ୍ଡରୁ ଘର ତିଆରି ପାଇଁ କ୍ଷତିପୂରଣ ପ୍ରଦାନ, ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ପ୍ରସ୍ତାବିତ ଛଅ ଲକ୍ଷ ଟଙ୍କାର କ୍ଷତିପୂରଣ ଏକ ମାସ ମଧ୍ୟରେ ପ୍ରଦାନ, ହାତୀ ସୁରକ୍ଷା ପାଇଁ ହାତୀ ଅଭୟାରଣ୍ୟ ଘୋଷଣା କରି କଦଳୀ, ବାଉଁଶ ଗଛ ଖାଲି ସ୍ଥାନରେ ଧାନ, ଗହମ ଚାଷ କରି ଖାଦ୍ୟ ବ୍ୟବସ୍ଥା କରିବାକୁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଦାବି କହିଛନ୍ତି। ଏଥିସହ ହାତୀ ଉପଦ୍ରବ କରୁଥିବା ପଞ୍ଚାୟତରେ ଅତି କମରେ ୧୦ ଜଣ ଲେଖାଏଁ 'ହାତୀ ସାଥୀ' ନିୟୋଜିତ କରିବା, ଡିଏମ୍‌ଏଫ ଫଣ୍ଡରୁ ସେମାନଙ୍କୁ ମାସିକ ୫ ହଜାର ଲେଖାଏ ଟଙ୍କା ଦେବା ଆଦି ଦାବି ରଖିଛନ୍ତି। ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଶଙ୍କର୍ଷଣ ଜେନା, ଅଖିଳ ନାୟକ, ବିଦ୍ୟାଧର ବାରିକ, ଭାବଗ୍ରାହୀ ମହାନ୍ତ, ଶ୍ରୀଧର ସାହୁ, ସତ୍ୟବ୍ରତ ନାୟକ ସମେତ ବହୁ ଉପସ୍ଥିତ ଥିଲେ।

# ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭିଜିଲାନ୍ସ ଏସ୍‌ପିଙ୍କ ନୂତନ କାର୍ଯ୍ୟାଳୟ।

ବାଲେଶ୍ୱର, ୩୦।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ପଡୁଆଁପଦାଠାରେ ଏସ୍‌ପି (ଭିଜିଲାନ୍ସ), ବାଲେଶ୍ୱରଙ୍କ ନୂତନ କାର୍ଯ୍ୟାଳୟ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କୁ ସମାଜ ପାଇଁ ଉଦ୍ଦିଷ୍ଟ ସାଧୁତାର ଶପଥ ପାଠ କରାଇଥିଲେ। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର, ନାଗରିକ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସଭାରେ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଆରକ୍ଷୀ ଅଧୀକ୍ଷକ (ଭିଜିଲାନ୍ସ) ବାଲେଶ୍ୱର ଡିଭିଜନ ନରହରି ନାୟକଙ୍କ ସମେତ ବାଲେଶ୍ୱର ପୋଲିସ ବିଭାଗ ତଥା ଜିଲାର ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ବେଶ ଧରି ପ୍ରତିବାଦ

### ଆବାସ ଦୁର୍ନୀତି ବିରୋଧରେ ଗଣଧାରଣା




ଆବାସ ଦୁର୍ନୀତି ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ଚାନ୍ଦବାଲି, ୩୦।୧୦(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବଜରାପୁର ପଞ୍ଚାୟତରେ ଆବାସ ଦୁର୍ନୀତି ନେଇ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। ବ୍ରାହ୍ମଣ ଲୋକ ଅନୁସୂଚିତ ଜାତି ସାଜି ଆବାସ ପାଉଥିବା ବେଳେ ସେମାନେ ଆବାସ ଯୋଜନାରେ ନାଁ ଥିଲେ ମଧ୍ୟ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ଅନୁସୂଚିତ ଜାତିର ଲୋକେ ପଇତା ପକାଇ ବ୍ରାହ୍ମଣ ବେଶ ଧରି ମନ୍ତ୍ର ଉଚ୍ଚାରଣ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନଶନ ଓ ଗଣଧାରଣା ଦେଇଥିଲେ। ବଜରାପୁର ପଞ୍ଚାୟତରେ ବହୁ ହିତାଧକାରୀ ଘର ନ କରି ଟଙ୍କା ଉଠାଣ କରିବା ଓ ଚାଳଘର ଥାଇ ବିଲ୍ ନେବା, ଅବିବାହିତ ପୁଅ ଓ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାମରେ ଆବାସ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ବିଡିଓ ଅସିତ କୁମାର ମହାନ୍ତି ପହଞ୍ଚି ବୁଝାଶୁଝା କରିବା ସହ ୧୫ ଦିନ ମଧ୍ୟରେ ଅଭିଯୋଗର ତଦନ୍ତ କରିବା ସହ ପ୍ରକୃତ ହିତାଧିକାରୀ ଚୟନ କରାଯାଇ ଆବାସ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ବ୍ଲକ ଅଫିସ୍ ସମ୍ମୁଖରେ ମଞ୍ଚ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିବ ବୋଲି ବରିଷ୍ଠ ନାଗରିକ ମଞ୍ଚର ଲକ୍ଷ୍ମଣ ସାହୁ ଚେତାବନୀ ଦେଇଛନ୍ତି। ପ୍ରଦୀପ କର, ଶରତ ମହାଲିକ, ଲକ୍ଷ୍ମୀଧର ପରିଡ଼ା, ବିଜୟ ମହାଲିକ, କମଳାକାନ୍ତ ମହାକୁଡ଼, ଖଗେଶ୍ୱର ମହାଲିକ, କୈଳାସ ମହାଲିକଙ୍କ ସମେତ ଶତାଧିକ ଲୋକ ଧାରଣାରେ ସାମିଲ ଥିଲେ।

## ୧୦ ଘଣ୍ଟା ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

### ଗ୍ରାମାଞ୍ଚଳରେ ସୂଚନା ଦେବାକୁ ଦାବି

ଢେଙ୍କିକୋଟ,୩୦।୧୦ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ ଟିକିରାଠାରେ ଥିବା ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନରୁ ସୋମବାର ବିଦ୍ୟୁତ୍ କାଟ୍ ହୋଇଥିଲା। ଫଳରେ ଅଞ୍ଚଳରେ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ହେବେ ଲୋକେ ହନ୍ତସନ୍ତ ହୋଇଥିଲେ। ରବିବାର ସନ୍ଧ୍ୟାରେ ଢେଙ୍କିକୋଟ ବଜାରରେ ଡାକବାଜି ଯନ୍ତ୍ରରେ ସୋମବାର ସକାଳ ୭ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ବିଦ୍ୟୁତ ଗ୍ରୀଡ଼ର ମେଣ୍ଟେନାନ୍ସ ପାଇଁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। ମାତ୍ର ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ ସମ୍ବନ୍ଧରେ ସୂଚନା ଦିଆଯାଇ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜନସାଧାରଣଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଠପ, ବହୁ ବୃଦ୍ଧାବୃଦ୍ଧ ରୋଗୀ ସଜ୍ୟାସାୟୀ ହୋଇପଡ଼ିଥିବା ବେଳେ ସେମାନଙ୍କ ନିମନ୍ତେ ଆବଶ୍ୟକ ଔଷଧ ଫ୍ରିଜ୍‌ରେ ନରହି ନଷ୍ଟ ହୋଇଯାଇଛି। ଏ ନେଇ ଢେଙ୍କିକୋଟ୍ ଅଞ୍ଚଳ ରଘୁବେଡ଼ା ଗ୍ରାମର ଆଦିବାସୀ ନେତା ପବିତ୍ର ମୋହନ ସିଂହ ପ୍ରତିବାଦ କରିଛନ୍ତି। ଗ୍ରାମାଞ୍ଚଳରେ ନ ଜଣାଇ ଆଗାମୀ ଦିନରେ ଏମିତି ଦୀର୍ଘ ସମୟ ବିଦ୍ୟୁତ୍ କାଟ କଲେ ୨୦ ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇ ଯବାବ ମଗାଯିବ ବୋଲି କହିଛନ୍ତି। ଢେଙ୍କିକୋଟ ବିଦ୍ୟୁତ୍ ବିଭାଗର ଜୁନିୟର ଇଞ୍ଜିନିୟର ଦେବାଶିଷ ସ୍ୱାଇଁ କହିଛନ୍ତି, ଗ୍ରୀଡ୍‌କୁ ସପ୍ଲାଏ ହେଲେ ଆମେ ଦେବୁ, ଆମ ପାଖରେ କିଛି ଉପାୟ ନାହିଁ। କରଞ୍ଜିଆ ଗ୍ରୀଡ୍‌ର ମେଣ୍ଟେନାନ୍ସ ଥିବାରୁ ବିଦ୍ୟୁତ୍ କାଟ କରାଯାଇଛି। ସାଉଣ୍ଡ ସେଟ୍ ଖରାପ ହୋଇଯିବାରୁ ପ୍ରଚାରରେ ବାଧା ଉପୁଜିଥିଲା। ପରବର୍ତ୍ତି ସମୟରେ ଗ୍ରାମାଞ୍ଚଳରେ ସୂଚନା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ।

# ବୁଲିଲା ମିତବ୍ୟୟିତା ସଚେତନତା ରଥ

କେନ୍ଦୁଝର,୩୦।୧୦(ଦୀପକ ମିଶ୍ର)

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟାଳୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଡେପୁଟି କଲେକ୍ଟର କିରଣ କୁମାର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଆନନ୍ଦପୁର ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଲୋପାମୁଦ୍ରା ପଣ୍ଡା, ସଞ୍ଚୟ ଅଧିକର୍ତ୍ତା ଅନିରୁଦ୍ଧ ରାଉତ, ନିରାକର ମଲ୍ଲିକ, କହ୍ନେଇଲାଲ ନାଏକ, ନୃସିଂହ ପଣ୍ଡା, ଦେବୀପ୍ରସନ୍ନ ମିଶ୍ର, ନିଗମାନନ୍ଦ ସାହୁ, ଅଟଳ ସାହୁ, ଗୌର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱଳ୍ପ ସଞ୍ଚୟର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାରମ୍ଭରେ କେନ୍ଦୁଝର ସଞ୍ଚୟ ଓ ଆର୍ଥିକ ସେବା ସହ ନିର୍ଦ୍ଦେଶକ ଶିରପାଣି ନାୟକ ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲା ସଦର ମହକୁମା ସମେତ ପାଟଣା ବ୍ଲକ୍‌ର କେନ୍ଦେଇପଶି, ଚାକୁଣ୍ଡାପାଳ, ସଦର ବ୍ଲକ୍‌ର ମଇଦାନକେଲ, ଘଟଗାଁ ବ୍ଲକ୍‌ର ତୋରାଣୀପୋଖରୀ, ପିପିଳିଆ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ସାଧାରଣ ଜନତାଙ୍କୁ ମିତବ୍ୟୟିତା ହେବା ଲକ୍ଷ୍ୟରେ ସଚେତନତା ସୃଷ୍ଟି କରିଥିଲା।



ସଚେତନାତା ରଥ ନିକଟରେ ପ୍ରଶାସନିକ ଅଧିକାରୀମାନେ।

# ୪୦ବର୍ଷରେ ବଡଜୟୀପୁର ଗଜଲକ୍ଷ୍ମୀ ପୂଜା

ଖଇରା, ୩୦।୧୦(ଉତ୍କଳବନ୍ଧୁ ପଣ୍ଡା)



ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡଜୟୀପୁରଠାରେ ପାଳିତ ହୋଇଆସୁଥିବା ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୪୦ବର୍ଷରେ ପଦାର୍ପଣ କରିଛି। ୨୮ତାରିଖଠାରୁ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଡମ୍ବରରେ ଆରମ୍ଭ ହୋଇଛି । ୯ଜଣ ମାନସିକଧାରୀଙ୍କ ଦ୍ୱାରା କଳସ ଅଣାଯିବା ପରେ ପଣ୍ଡିତ ରବି ନାରାୟଣ ନାୟକ ଓ ଗିରୀଶ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମା'ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଷ୍ଠାତା ଭୀମସେନ ରାୟ ମହାପାତ୍ର ଓ କମିଟି ସଭାପତି ଦୈତାରୀ ରାୟ ମହପାତ୍ରଙ୍କ ଦ୍ୱାରା ପୂଜା ଓ ଅତିଥିମାନଙ୍କୁ ଆପ୍ୟାୟିତ କରାଯାଇଥିଲା। ସୋମବାର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମାଙ୍କୁ ଦର୍ଶନ କରିବା ପରେ ସେଠାରେ ସିଦ୍ଧିଦାତାଙ୍କ ମୂର୍ତ୍ତି ସ୍ଥାପନା କରିଥିଲେ। କମିଟି ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ସନ୍ଧ୍ୟାରେ ପିଲାଙ୍କ ଦ୍ୱାରା ନୃତ୍ୟଗୀତ ଆୟୋଜନ କରାଯାଇଥିଲା। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ପୂଜା ପରିଚାଳିତ ହେଉଛି । ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।

# କାମରେ ଲାଗୁନି ମୋ ସରକାର କକ୍ଷ

ଧାମନଗର,୩୦।୧୦ (ସନ୍ତୋଷ କୁମାର ମହାପାତ୍ର)



ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମୋ ସରକାର କକ୍ଷ।

ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ବିଭିନ୍ନ ସେବା ଯୋଗାଇଦେବା, ପ୍ରତ୍ୟେକ ବିଭାଗ ଏହାର ସମୀକ୍ଷା କରି ଅବସ୍ଥାରେ ଉନ୍ନତି ଆଣିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରିକି ଯେଉଁ ଅଧିକାରୀମାନେ ଏଥିରେ ଖିଲାପ କରିଛନ୍ତି, ସେମାନେ ଦଣ୍ଡିତ ହେବାର ପୂର୍ବରୁ ସୂଚନା ଅଛି। ଭଦ୍ରକ ଜିଲା ଧାମନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମୋ ସରକାର କକ୍ଷ ଲୋକଙ୍କ କାମରେ ଲାଗୁନି। ବ୍ଲକ ଅଫିସ୍ ପରିସରରେ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି କକ୍ଷ ସ୍ଥାପନ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟ କରାଯାଉ ନାହିଁ କି କେହି ଅଧିକାରୀ ସେଥିପାଇଁ ନିଯୁକ୍ତି ହୋଇନାହାନ୍ତି। ବ୍ଲକର ଦୂର ଦୁରାନ୍ତରୁ ଆସୁଥିବା ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ମୋ ସରକାର କକ୍ଷ କାମରେ ଆସୁନାହିଁ। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଜଣେ ଅଧିକାରୀଙ୍କୁ ସେଠାରେ ନିଯୁକ୍ତି କରାଯିବା କଥା। ଏକ ଭଙ୍ଗା ଟେବୁଲ, ଚେୟାର ଦୁଇଟି ପଡ଼ିଥିବା ବେଳେ କକ୍ଷଟି ଅପରିଷ୍କାର ହୋଇପଡ଼ିଛି। ଏନେଇ ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି, ଆବଶ୍ୟକ କର୍ମଚାରୀ ନ ଥିବାରୁ ସେଠାରେ କେହି ବସୁ ନାହାନ୍ତି। ଯେଉଁମାନଙ୍କର ଅଭିଯୋଗ ଦେବାର ଅଛି, ସେମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ଲିଖିତ ଭାବେ ଦେଇପାରିବେ। ଆହୁରି ମଧ୍ୟ ଅଭିଯୋଗ ଦେବା ପାଇଁ ଜନଶୁଣାଣି ପୋର୍ଟାଲ ଅଛି। ସେଠାରେ ମଧ୍ୟ ଅନ୍‌ଲାଇନରେ ଅଭିଯୋଗ କରିପାରିବେ।

# ସ୍ୱର୍ଣ୍ଣ ପଦକ ବିଜୟୀ ୩ ରଗବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାରିପଦା,୩୦।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗୋଆଠାରେ ଅନୁଷ୍ଠିତ ୩୭ତମ ଜାତୀୟ ରଗବୀ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛି। ୧୨ ଜଣିଆ ଓଡ଼ିଶା ଦଳରେ ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ ହାଁସଦା, ସୁନୀତା ହାଁସଦା, ଆରତୀ ମୁର୍ମୁ ଓ ଡୁମୁନୀ ମାର୍ଣ୍ଡି ପ୍ରମୁଖ ୫ କ୍ରୀଡ଼ାବିତ ସ୍ଥାନ ପାଇଥିଲେ। ଏହି କୃତିତ୍ୱ ପାଇଁ ରାଜ୍ୟ ସରକାର ପ୍ରତି ଖେଳାଳିଙ୍କୁ ୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲାର ୫ ଜଣଙ୍କ ମଧ୍ୟରୁ ବାରିପଦାକୁ ପ୍ରତ୍ୟାବର୍ତ୍ତନ କରିଥିବା ସନ୍ଧ୍ୟାରାଣୀ, ପାର୍ବତୀ ଓ ସୁନୀତାଙ୍କୁ ସୋମବାର ଜିଲାପାଳ ବିନୀତ ଭରଦ୍ୱାଜ ସମ୍ବର୍ଦ୍ଧିତ କରିବା ସହ ସମସ୍ତଙ୍କୁ କିଟ୍ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବାରିପଦାକୁ ପ୍ରତ୍ୟାବର୍ତ୍ତନ କରିବା ପରେ ପାଲବଣିଠାରେ କ୍ରୀଡ଼ାପ୍ରେମୀମାନେ ସେମାନଙ୍କୁ ସ୍ୱାଗତ କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ଶାରୀରିକ ଶିକ୍ଷା ଶିକ୍ଷକ ଦୀପକ ରାମ, ଫିଉଚର ଷ୍ଟାର କ୍ରୀଡ଼ା ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାଶ, ଡ୍ରାଇଭର ମହାସଂଘର କର୍ମକର୍ତ୍ତା, ଫିଉଚର ଷ୍ଟାର କ୍ରୀଡ଼ା ଏକାଡେମୀର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।



ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହ କୃତୀ କ୍ରୀଡ଼ାବିତ ଓ ଅନ୍ୟମାନେ।

# ପିଆଜ ଗୋଦାମରେ ଚଢ଼ାଉ

ବାରିପଦା,୩୦।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପିଆଜ ଦର ବୃଦ୍ଧି ସାଙ୍ଗକୁ କଳାବଜାରକୁ ରୋକିବା ନିମନ୍ତେ ମୟୂରଭଞ୍ଜ ଜିଲା ସିଭିଲ ସାମଗ୍ରୀ ଓ ମାର୍କେଟ ଇଣ୍ଟେଲିଜେନ୍ସ ଅଧିକାରୀମାନେ ସୋମବାର ବାରିପଦା ସହରର ବିଭିନ୍ନ ହୋଲସେଲ ଗୋଦାମରେ ଚଢ଼ାଉ କରିଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ପିଆଜ ଉପଲବ୍ଧ ରହିଥିବା ବେଳେ କଳାବଜାର ହୋଇନାହିଁ ବୋଲି ରିପୋର୍ଟରେ ଦର୍ଶାଇଛନ୍ତି। ହୋଲସେଲ ମୂଲ୍ୟ କୁଇଣ୍ଟାଲ ପ୍ରତି ୫ହଜାରରୁ ୫ହଜାର ୪ଶହ ଟଙ୍କା ରହିଛି। ସୋମବାର କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ୩୦ମେଟ୍ରିକ ଟନ ପିଆଜ ବୋଝେଇ ଟ୍ରକ ବାରିପଦାରେ ପହଞ୍ଚିଥିବା ବେଳେ ଦର ବଳବତ୍ତର ରହିଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜିଲାରେ ପିଆଜ ଦର ବୃଦ୍ଧି ହେଉଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଥିଲେ। ପରିବା ଦର ସାଙ୍ଗକୁ ପିଆଜ ଦର ବୋଝ ଉପରେ ନଳିତା ବିଡା ସଦୃଶ ହୋଇଥିଲା। ପୌରପରିଷଦ ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ଗୋଦାମରେ ଚଢାଉ କରିଥିଲେ।

## ୧୨ରୁ ଶ୍ୟାମାକାଳୀ ପୂଜା

ଧାମନଗର, (ଦେବେନ୍ଦ୍ର ଆଦିଆ)-ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ କାଳୀବଜାରଠାରେ ସର୍ବପୁରାତନ ମା' ଶ୍ୟାମାକାଳୀଙ୍କ ୫୬ତମ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ ସପ୍ତାହ ଧରି ମା'ଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଭଜନସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୧୨ରୁ ପୂଜା ଆରମ୍ଭ ହୋଇ ୧୯ରେ ଭସାଣି ହେବ। କମିଟି ସଭାପତି କୃତିବାସ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭିମନ୍ୟୁ ମିଶ୍ର, ପ୍ରତାପ ସାମଲ, ବ୍ରଜକିଶୋର ସାମଲ, ଅଞ୍ଜନ ନାୟକ, ପ୍ରମୋଦ ନାୟକ, ରଣଜିତ ମହାନ୍ତି, ପ୍ରଭାତ ସାମଲ, ଅଜୟ ମହାନ୍ତି, ପ୍ରଶାନ୍ତ ସାହୁ, ତ୍ରିଦେବ ଜେନା, କମଳାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଡିପିଓ ନିଲମ୍ବିତ

ବାଲେଶ୍ୱର,୩୦।୧୦(ମାନସ ବିଶ୍ୱାଳ)- ବେଆଇନ କାର୍ଯ୍ୟ ଅଭିଯୋଗରେ ବାଲେଶ୍ୱର ସଦର ସିଡିପିଓ ଜ୍ୟୋତିକାରାଣୀ ରୟଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ନିଲମ୍ବନ କରିଛନ୍ତି। ଅତିରିକ୍ତ ସଚିବ ଚିଠି(ନଂ. ୨୩୭୧୮) ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବାକୁ ବାଲେଶ୍ୱର ଡିଏସ୍‌ଡବ୍ଲ୍ୟୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାନସିକ ନିର୍ଯାତନା ଦେବା ସହ ବେଆଇନ କାର୍ଯ୍ୟକଳାପ କରିଆସୁଥିବା ସଦର ସିଡିପିଓ ଜ୍ୟୋତିକାରାଣୀ ରୟଙ୍କ ବିରୋଧରେ ଅଙ୍ଗନୱାଡ଼ି କର୍ମୀମାନେ ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଦର ସିଡିପିଓ ବିଭିନ୍ନ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଯୁଗ୍ମ ବ୍ୟାଙ୍କ ଜମାଖାତାକୁ ଖେଳନା, ମେଡିସିନ କିଟ୍, ସ୍ୱେଟର, ଜୋତା, ଡ୍ରେସ, ମୋଜା ଏବଂ ଅନ୍ୟାନ୍ୟ ବାବଦକୁ ଆସୁଥିବା ଅର୍ଥରେ ନିମ୍ନମାନର ସାମଗ୍ରୀ କିଣୁଥିବା ଅଭିଯୋଗ ହେଉଥିଲା। ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ରିପୋର୍ଟ ଅନୁସାରେ ଅତିରିକ୍ତ ସଚିବ ତାଙ୍କୁ ନିଲମ୍ବିତ କରିଛନ୍ତି। ଏନେଇ ଡିଏସ୍‌ଡବ୍ଲ୍ୟୁ ଅଧିକାରିଣୀ ଶିଖା ପୋଦାର କହନ୍ତି, ନିଲମ୍ବନ ପାଇଁ ନିର୍ଦ୍ଦେଶ ଆସିଛି। ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ।

### ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଶିଶୁକନ୍ୟା ଆହତ

ରାଇବଣିଆ, ୩୦।୧୦(ନବୀନ ସାହୁ)- ଜଳେଶ୍ୱର ପୂର୍ତ୍ତ ବିଭାଗର ଅବହେଳା ଯୋଗୁ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଜଣେ ଶିଶୁ କନ୍ୟା ଆହତ ହୋଇଛନ୍ତି। ଜଳେଶ୍ୱର ଥାନା ନାମ୍ପୋ ହାଟ ଛକ ନିକଟରେ ଏହି ଘଟଣା ଘଟିଛି। ଶନିବାର ସନ୍ଧ୍ୟାରେ ଲକ୍ଷ୍ମୀ ପୂଜା ଘଟ ଯାଉଥିବା ବେଳେ ସତ୍ୟରଞ୍ଜନ ରଣାଙ୍କର ୫ ବର୍ଷର ଝିଅ ସୁଚେତା ଘର ଆଗରେ ଛିଡ଼ା ହୋଇ ଦେଖୁଥିଲେ। ମାତ୍ର ଅସାବଧାନତା ବଶତଃ ଦୀର୍ଘ ଦିନ ଧରି ନିର୍ମାଣାଧୀନ ଏକ ଡ୍ରେନ୍‌ର ୬ଫୁଟ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ବହୁ କଷ୍ଟରେ ଉଦ୍ଧାର କରିଥିଲେ। ଶିଶୁ କନ୍ୟା ଆହତ ହୋଇଛନ୍ତି। ୬ମାସ ପୂର୍ବେ ଉକ୍ତ ଡ୍ରେନରେ ପଡ଼ି ଅନ୍ୟ ଜଣେ ନାବାଳିକା ଗୁରୁତର ହୋଇଥିଲେ। ଦୀର୍ଘଦିନ ଧରି ଏହି ଡ୍ରେନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ପଡ଼ିରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ବାକି ଥିବା କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି କହିଛନ୍ତି।

### ୨୯ରେ କାଉନ୍‌ସିଲର ଉପନିର୍ବାଚନ ଯୋଡ଼ା ପୌରପାଳିକା

ଯୋଡ଼ା,୩୦।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୮ ନଂ. ୱାର୍ଡରେ ଖାଲି ପଡ଼ିଥିବା କାଉନ୍‌ସିଲର ଆସନ ପାଇଁ ନଭେମ୍ବର ୨୯ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ବିଧିବଦ୍ଧ ଭାବେ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ନଭେମ୍ବର ୧୧ରେ ପ୍ରାର୍ଥିପତ୍ର ଦାଖଲ କରାଯିବ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗତ ୨୦୨୨ ପୌର ନିର୍ବାଚନରେ ଉକ୍ତ ୱାର୍ଡରୁ ଜୟରାମ ନାଏକ କାଉନ୍‌ସିଲର ଭାବେ ବିଜୟୀ ହୋଇଥିଲେ। ଗତ ଡିସେମ୍ବର ମାସରେ ତାଙ୍କର ଦେହାନ୍ତ ପରେ ଆସନଟି ଖାଲିପଡ଼ିଛି।

# ୨୨ କୋଟିର କାମରେ ଅନିୟମିତତା

- ଜିଲାପାଳଙ୍କୁ ଭେଟିଲେ ଲୋକେ
- ଚୁକ୍ତି ଅନୁଯାୟୀ ହେଉନି କାର୍ଯ୍ୟ, ତେଜୁଛି ଅସନ୍ତୋଷ

ବାରିପଦା,୩୦।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଅଭିଯୋଗ କରିବାକୁ ଆସିଥିବା ଜନସାଧାରଣ।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ରୂପ୍‌ସା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟରେ ଅନିୟମିତା ହୋଇଥିବା ନେଇ ଅଭିଯୋଗ ହୋଇଛି । ଠିକାଦାରଙ୍କ ମନମୁଖି କାର୍ଯ୍ୟକଳାପ ଓ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅଞ୍ଚଳବାସୀ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଏହାର ଏକକିତା ନକଲ ବାରିପଦା ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦେବା ସହ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଦାବି କରିଛନ୍ତି। ୨୪ଘଣ୍ଟା ମଧ୍ୟରେ ଏକ ଉଚ୍ଚସ୍ତରୀୟ ଟେକ୍ନିକାଲ ଟିମ୍ ଗଠନ କରାଯାଇ ତଦନ୍ତ କରା ନ ଗଲେ କାର୍ଯ୍ୟ ବନ୍ଦ କରିବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

ପୂର୍ତ୍ତ ବିଭାଗ ଅଧୀନରେ ଠାକୁରମୁଣ୍ଡା-ଦଙ୍ଗଡିହା-ପୋଡାଡିହା-ଉଦଳା-ମାଣତ୍ରୀ-ବୈଁସିଙ୍ଗା-ରୂପ୍‌ସା ରୋଡ୍‌ର ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି। ୭୦କି.ମି. ବ୍ୟାପି ଏହି ରାସ୍ତା ପାଇଁ ୨୨କୋଟି ୫୯ଲକ୍ଷ ୭୦ହଜାର ୧୪୪ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଉକ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତା କରାଯାଇ ଅଦ୍ୟାବଧି ଏକ କୋଟି ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୁରୁଣା ରାସ୍ତାର ପିଚୁକୁ ସ୍କ୍ରେପିଂ କରି ୬ଇଞ୍ଚ ଉଚ୍ଚରେ ସିଲେକଟେଡ ଆର୍ଥ କିମ୍ବା ଦେଢଫୁଟ ଉଚ୍ଚତାରେ ମୋରମ ପକାଇ ସବଗ୍ରେଡ୍ କରିବାର ଅନୁମୋଦିତ ବ୍ୟୟ ଅଟକଳ ମୂଲ୍ୟ ଓ ଚୁକ୍ତିପତ୍ରରେ ରହିଛି। ମାତ୍ର ତାହା କରା ନ ଯାଇ ଜେସିବି ଦ୍ୱାରା ପିଚୁ ରାସ୍ତାକୁ ସ୍ୱଳ୍ପ ସ୍କ୍ରେପିଂ କରି ତା ଉପରେ ଅଳ୍ପ ମାଟି ପକାଇ ରୁଲିଂ କରାଯାଉଛି। ଫଳରେ ରାସ୍ତାଟି ଦୀର୍ଘସ୍ଥାୟୀ ହେବା ନେଇ ଆଶଙ୍କା ଉପୁଜିଥିବା ସହ ବିଭାଗ ପକ୍ଷରୁ ବିଲ୍ ପୈଠ କରାଯାଇଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି ବୋଲି ଭୀମଦା ଗ୍ରାମର ଜନାର୍ଦ୍ଦନ ମଣ୍ଡଳ, ଦାମୋଦର ମାସନ୍ତ, ସରୋଜ କୁମାର ବେହେରା କହିଛନ୍ତି। ସେହିପରି ୬ଇଞ୍ଚର ସବଗ୍ରେଡ୍ ହେବା ପରେ ଗ୍ରାଭେଲ୍ସ ପକାଇ ଏକ ଷ୍ଟ୍ରଙ୍ଗ ବେସ ପକାଇବାର ଅଟକଳ ରହିଥିବା ବେଳେ ତାହା କରାଯାଇ ନାହିଁ। ଅନ୍ୟ ପକ୍ଷରେ ୪.୫ଫୁଟ ଉଚ୍ଚତାରେ ୩.୭୫ମିଟର ଥିବା ରାସ୍ତାକୁ ଓସାରିଆ କରି ୬.୫ମିଟର କରିବାର ଅଟକଳ ପ୍ରଦାନ କରାଯାଇଛି। ମାତ୍ର ସ୍ଥାନେସ୍ଥାନେ ଓସାରିଆ ଥିବା ରାସ୍ତାକୁ ଆବଶ୍ୟକ ଗଭୀରତାରେ ଖୋଳା ନ ଯାଇ ଜେସିବି ମାଧ୍ୟମରେ ରାମ୍ପିଦେଇ ୬.୫ଇଞ୍ଚ ଥିକନେସରେ କାର୍ଯ୍ୟ କରାଯାଉଛି। ଏପରିକି ସାଢେ ଚାରିଫୁଟ ଉଚ୍ଚତା ପ୍ରତିବଦଳରେ ୨ଫୁଟ ଉଚ୍ଚତାରେ ଏହି କାର୍ଯ୍ୟ କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିମ୍ନମାନର ନିର୍ମାଣ କାର୍ଯ୍ୟ କରି ସାଢେ ୩ କୋଟି ଟଙ୍କା ବିଲ୍ ପୈଠ କରାଯାଇଥିବା ବେଳେ ପ୍ରକୃତରେ ଦେଢ କୋଟି ଟଙ୍କାର କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗକାରୀ ପ୍ରକାଶ କରମହାପାତ୍ର, ରାଜେଶ ଶତପଥୀ ଓ କଳ୍ପତରୁ ଜେନା କହିଛନ୍ତି। ଠିକାଦାର ଓ ସହକାରୀଯନ୍ତ୍ରୀଙ୍କ ସଲାସୁତୁରାରେ ଏହି କାର୍ଯ୍ୟ ହେଉଥିବା ବେଳେ କୌଣସି ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଯାଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରିପଦା ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ରୋହନ ଗୌରବ ରାୟଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସହକାରୀଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ କାର୍ଯ୍ୟର ତଦନ୍ତ କରାଯିବ। ନିମ୍ନମାନର କାର୍ଯ୍ୟ ହୋଇଥିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଭଣ୍ଡାରିପୋଖରୀ ମହୋତ୍ସବ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଣ୍ଡାରିପୋଖରୀ, ୩୦।୧୦(ରବିନାରାୟଣ ଖିଲାର)

**ମନ ମୋହିଲା ନଟିଆ କମେଡ଼ି**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଅବସରରେ ଭଣ୍ଡାରିପୋଖରୀ ମହୋତ୍ସବ ଆରମ୍ଭ ହୋଇଛି। ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଭାପତି ତଥା ଖବରଦାତା ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାଇଚାରା ବଜାୟ ରଖିବା ପାଇଁ ଜଗନ୍ନାଥ ବଜାର ବଣିକ ସଂଘର ଗଜଲକ୍ଷ୍ମୀ ପୂଜା ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ପାଇଁ ପ୍ରଥମ ଥର ଭଣ୍ଡାରିପୋଖରୀ ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଜନସାଧାରଣଙ୍କ ଭାବାବେଗକୁ ସମ୍ମାନ ଜଣାଇ ଆସନ୍ତାବର୍ଷ ବଜାରଠାରେ ଜିଲା ମହୋତ୍ସବ ଆୟୋଜନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟବକ୍ତା ଭାବେ ଇଂ. ଅଭୟ ସୂତାର, ବିଶିଷ୍ଟ ଅତିଥି ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ଅଧ୍ୟାପକ ନିହାର ରଞ୍ଜନ କର ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମିତିସଭ୍ୟା ରୀତାଞ୍ଜଳି ସାମଲ, ଯୁବନେତା ଭାଗୀରଥି ପରିଡ଼ା, ମୋହନ ରାୟ, ଦେବ ପ୍ରସନ୍ନ ମହାପାତ୍ର, ପ୍ରତ୍ୟୁଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବଜାର କମିଟି ସଭାପତି କମଳାକାନ୍ତ ସାମଲ ଅତିଥି ପରିଚୟ, ସମ୍ପାଦକ ରାଜେନ୍ଦ୍ର ଶତପଥୀ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ୟବସାୟୀ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ୍ ଦେବେନ୍ଦ୍ର ନାୟକ, ପୋଲିସ କର୍ମଚାରୀ ଦୋଳଗୋବିନ୍ଦ ମହାପାତ୍ର, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ କବୟିତ୍ରୀ ଦମୟନ୍ତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ନଟିଆ କମେଡ଼ି ଓ ଗାୟିକା ଗୌରୀବାଳା ସ୍ୱାଇଁଙ୍କ ଲୋକକଳା ପାଲା ପରିବେଷଣ ସମସ୍ତଙ୍କ ମନ ମୋହିଥିଲା। ବଜାର କମିଟି ସଦସ୍ୟ ଚନ୍ଦ୍ରଶେଖର ମହାନ୍ତି, ଦେବେନ୍ଦ୍ର ଦାସ, ଚନ୍ଦ୍ରଶେଖର ଦତ୍ତ, ମୁନିର ଧଳ, ଗଣେଶ ଚନ୍ଦ୍ର ସାମଲ, ରମାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଟେନିସ୍ ବଲରେ ବୁଦା ପଳଶା, ଡ୍ୟୁଜରେ ଡିଆରସି ଚାମ୍ପିୟନ


ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ ଓ କ୍ଲବ୍ ସଦସ୍ୟମାନେ।

ପାଟଣା,୩୦।୧୦( ବୀର କିଶୋର ଦାଶ)

**ଦଶହରା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା କ୍ରିକେଟ୍ କ୍ଲବ୍ ତରଫରୁ ରବିବାର ସନ୍ଧ୍ୟାରେ ପାଟଣା ମୁଖ୍ୟାଳୟ ଷ୍ଟାଡ଼ିୟମରେ ଆୟୋଜିତ ଦଶହରା କ୍ରିକେଟ୍ କପ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଟେନିସ ବଲ୍‌ରେ ୮ ଦଳ ଓ ଡ୍ୟୁସ ବଲ୍‌ରେ ୪ ଦଳ ଅଂଶ ଗ୍ରହଣ କରିଥିଲେ। ଟେନିସ୍ ବଲରେ ବୁଦା ପଳଶା ପଞ୍ଚାୟତ ଚାମ୍ପିୟନ ହୋଇଥିବା ବେଳେ ଘଟଗାଁ ରନର୍ସଅପ ହୋଇଥିଲା। ଡ୍ୟୁଜ ବଲ୍‌ରେ ଡିଆରସି କ୍ଲବ୍ ପାରାଦୀପ ଚାମ୍ପିୟନ ହୋଇଥିଲା। ଡିଆରସି କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୨୩ ରନ୍ କରିଥିଲା। କେନ୍ଦୁଝର ଫେମ୍‌ସ କ୍ଲବ୍ ବିଜୟ ଲକ୍ଷ୍ୟକୁ ପିଛା କରି ୮ ଉଇକେଟ୍ ହରାଇ ୧୮୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଶିରିଷ ଚନ୍ଦ୍ର ହୋତା ଓ ବିଶ୍ୱମ୍ବର ମହାକୁଡ଼ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ରଜ କୁଇନ ବିଜେତା ଅନନ୍ୟା ଅଦ୍ୟାଶା ନନ୍ଦ, ସାମାଜିକ କର୍ମୀ ଅଜୟ ଦାଶ, ସତ୍ୟବ୍ରତ ଦାଶ ପ୍ରମୁଖ ଯୋଗଦେଇ ଡ୍ୟୁଜ୍ ବଲ ଚାମ୍ପିୟନ ଦଳକୁ ୧୮ ହଜାର ଓ ରନର୍ସଅପ ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଟେନିସ୍ ବଲ କ୍ରିକେଟ ଖେଳରେ ଚାମ୍ପିୟନ ଦଳକୁ ୧୦ ଓ ରନର୍ସଅପକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ୍‌ର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦିଲୀପ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସନତ ଦାଶ, ସୁବ୍ରତ ଦାଶ, ଦକ୍ଷ ପ୍ରସାଦ ସାହୁ ପରିଚାଳନା କରିଥିଲେ।

# ମାଣତ୍ରୀ ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ଚୋରି, ୨ ଗିରଫ

ବୈଁସିଙ୍ଗା,୩୦।୧୦ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଁସିଙ୍ଗା ଥାନା ଅଧୀନ ମାଣତ୍ରୀ ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ଯନ୍ତ୍ରାଂଶ ଏବଂ ତାର ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ଗଡଡଗାଁର କୃପାସିନ୍ଧୁ ନାୟକ(୩୦) ଓ ଲକ୍ଷ୍ମଣ ନାୟକ (୪୨)। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୨ଟା ବେଳେ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପରିସରରେ ଟର୍ଚ୍ଚ ଲାଇଟ ପଡ଼ିବା ସହ ଜୋର୍‌ରେ ଏକ ଶବ୍ଦ ହୋଇଥିଲା। ଡ୍ୟୁଟିରେ ଥିବା ବିଦ୍ୟୁତ୍ କର୍ମଚାରୀ ରଞ୍ଜନ ନାୟକ ଏବଂ ମନ୍ତ୍ରୀ ମହାନ୍ତ ଚୋରି ହେଉଥିବା ଅନୁମାନ କରି ପୋଲିସକୁ ଫୋନ କରି ଜଣାଇଥିଲେ। ପୋଲିସ ପହଞ୍ଚି ବହୁ ଖୋଜାଖୋଜି ପରେ ପାଚେରି ଅପରପାର୍ଶ୍ୱରେ ଲୁଚି ବସିଥିବା ଦୁଇ ଅଜଣା ଲୋକଙ୍କୁ ସନ୍ଦେହରେ ଧରି ଆଣି ଜେରା କରିଥିଲା। ପରବର୍ତ୍ତୀ ସମୟରେ ଉଭୟ ଚୋରି କରିଥିବା ସ୍ୱୀକାର କରିଥିଲେ। ଏନେଇ ମାଣତ୍ରୀ ସେକ୍ସନ ବିଦ୍ୟୁତ୍ ବିଭାଗ ଅଧିକାରୀ ନିକୁଞ୍ଜ ବିହାରୀ ଜେନାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୦୨/୨୩) ରୁଜୁ ହୋଇଛି।

# 'ଶିକ୍ଷକ ସମାଜର ବିଶ୍ୱକର୍ମା'


ସ୍ମୃତିସଭାରେ ଯୋଗ ଦେଇଥିବା ପୁରାତନ ଛାତ୍ର।

ସିମୁଳିଆ, ୩୦।୧୦(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ଦାସଙ୍କ ସପ୍ତମ ବାର୍ଷିକ ସ୍ମୃତିଚାରଣ ସଭା ପୁରାତନ ଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ରଘୁନାରାୟଣ ବିଦ୍ୟାଳୟର ପୁରାତନ ଛାତ୍ର ଗୋକୁଳାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭୁବନେଶ୍ୱର କିଟ୍ କଲେଜର ପ୍ରଫେସର ଡ. ପାର୍ଥସାରଥି ଦାସ ଯୋଗ ଦେଇ ଶିକ୍ଷକମାନେ ସମାଜର ବିଶ୍ୱକର୍ମା, ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକମାନେ ଅନ୍ୟମନସ୍କ ହେଲେ ସମାଜ ବିପଥଗାମୀ ହେବ ବୋଲି କହିଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷକ ୯୦ବର୍ଷୀୟ ବଳଭଦ୍ର ପାଢ଼ୀ, ଗଙ୍ଗାଧର ପାତ୍ର, ହରେକୃଷ୍ଣ ପଣ୍ଡାଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତିଙ୍କୁ ଉପଢ଼ୌକନ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଅତିଥି ରୂପେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀ ନୃସିଂହ ଚରଣ ପଣ୍ଡା ଓ ମୋହନ ଚରଣ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଶିବ ପ୍ରସାଦ ଦାସଙ୍କ ଘର ଭଦ୍ରକ ଜିଲା ବଣିଆ ଅଞ୍ଚଳରେ। ସେ ସିମୁଳିଆର ରଘୁନାରାୟଣ ବିଦ୍ୟାଳୟରେ ୨୮ବର୍ଷ ଧରି ଶିକ୍ଷକତା କରି ଅବସର ନେଇଥିଲେ। ଏହାସହ ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଯୋଡ଼ା,୩୦।୧୦(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ଉଚ୍ଚ ବିଦ୍ୟାଳୟର ୧୯୮୮ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଲେଇପଦାସ୍ଥିତ ଟାଟା ସ୍ୱଞ୍ଜୀ ପିକ୍‌ନିକ୍ ସ୍ପଟରେ ସମସ୍ତେ ଏକାଠି ହୋଇଥିଲେ। ପୁରାତନ ଛାତ୍ରୀଙ୍କ ମଧ୍ୟରେ ସସ୍ମିତା ଷଡ଼ଙ୍ଗୀ, ସଂଘମିତ୍ରା ମହାନ୍ତି, ମମତା ଦାଶ, ମରିୟମ ଖାତୁନ, କ୍ରିଷ୍ଣା ମହାନ୍ତି, ଛାତ୍ର ହିମାଂଶୁ ମହାପାତ୍ର, ରଶ୍ମିରଞ୍ଜନ ଶତପଥୀ, ବସନ୍ତ ବେହେରା, ଦିବ୍ୟୋଜ୍ୟୋତି ବରାଳ ପ୍ରମୁଖଙ୍କ ସମେତ ପ୍ରାୟ ୪୫ ଜଣ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିଥିଲେ।

# ବିଶ୍ୱ ମିତବ୍ୟୟିତା ଦିବସରେ ଗଡ଼ିଲା ସଞ୍ଚୟ ରଥ

ଭଦ୍ରକ, ୩୦।୧୦(ସନାତନ ରାଉତ)


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପତାକା ଦେଖାଇ ସଞ୍ଚୟ ରଥକୁ ଉଦ୍‌ଘାଟନ କରୁଛନ୍ତି।

ସୁରକ୍ଷିତ ଭବିଷ୍ୟତ ପାଇଁ ମିତବ୍ୟୟିତା ପୂର୍ବକ ଖର୍ଚ୍ଚ କରି ଅର୍ଥ ସଞ୍ଚୟ କରିବା ନିହାତି ଆବଶ୍ୟକ। ମିତବ୍ୟୟିତା ଓ ସଞ୍ଚୟର ଆବଶ୍ୟକତା ନେଇ ଜନସାଧାରଣଙ୍କ ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୩୦କୁ ବିଶ୍ୱ ମିତବ୍ୟୟିତା ଦିବସ ବା ବିଶ୍ୱ ସଞ୍ଚୟ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସୋମବାର ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସ୍ୱଳ୍ପ ସଞ୍ଚୟ ଅନୁଭାଗ ଜରିଆରେ ପ୍ରସ୍ତୁତ ଏକ ସଞ୍ଚୟ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟଙ୍କ ସମେତ ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ମିତବ୍ୟୟିତା ଓ ସଞ୍ଚୟର ଆବଶ୍ୟକତା, ଉପକାରିତା ସମ୍ବଳିତ ବିଭିନ୍ନ ବାର୍ତ୍ତା ଡାକବାଜି ଯନ୍ତ୍ର ତଥା ବ୍ୟାନର, ପୋଷ୍ଟର ଆଦି ମାଧ୍ୟମରେ ପ୍ରଚାର କରି ଜିଲାର ବିଭିନ୍ନ ଅଞ୍ଚଳରେ ଏହି ରଥ ପରିକ୍ରମା କରିବ। ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତା, ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହିଳା ସମ୍ମାନ ସାର୍ଟିଫିକେଟ୍, ସୁରକ୍ଷିତ ସଞ୍ଚୟ ଠକାମିରୁ ବଞ୍ଚିବାର ଏକମାତ୍ର ଉପାୟ, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ସୁଧହାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ବନ୍ଧରେ ପ୍ରଚାରପତ୍ର ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯାଉଛି।

# ସହରାଞ୍ଚଳ, ଗ୍ରାମାଞ୍ଚଳ ପରିକ୍ରମା କରିବ ସଞ୍ଚୟ ରଥ

**ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ**

ବାଲେଶ୍ୱର, ୩୦।୧୦(ମାନସ ବିଶ୍ୱାଳ)



ସଞ୍ଚୟ ରଥକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଜିଲା ପ୍ରଶାସନ ତରଫରୁ ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସୋମବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜନସାଧାରଣଙ୍କ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଏବଂ ଅନାବଶ୍ୟକ ଖର୍ଚ୍ଚକୁ ଯଥାସମ୍ଭବ କମାଇ ସଞ୍ଚୟ କଲେ ଭବିଷ୍ୟତରେ ବ୍ୟକ୍ତିର ଆର୍ଥିକ ଅଭିବୃଦ୍ଧି ଘଟିବା ସହିତ ଜରୁରୀ ସମୟରେ କାମରେ ଆସିବ। ଏହି ବାର୍ତ୍ତା ହିଁ ବିଶ୍ୱ ମିତବ୍ୟୟିତା ଦିବସର ମୂଳ ଉଦ୍ଦେଶ୍ୟ। ଏହି ଦିବସ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଞ୍ଚୟ ରଥ ବାହାରି ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପରିକ୍ରମା କରିଛି। ଏହି ରଥକୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ତଥା ବିତ୍ତୀୟ ସାକ୍ଷରତା ସମ୍ପର୍କରେ ସଚେତନ କରି ସହରର ବିଭିନ୍ନ ଅଞ୍ଚଳ ତଥା ଗ୍ରାମାଞ୍ଚଳର ବଜାର, ହାଟ ଓ ଛକରେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟ ଯୋଜନାର ମୁଦ୍ରିତ ପ୍ରଚାର ପତ୍ରିକା ବଣ୍ଟନ କରା ଯାଇଥିଲା। ପ୍ରକାଶ ଥାଉ କି, ଆସନ୍ତା ଅକ୍ଟୋବର ୩୧ ତାରିଖଠାରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ସଞ୍ଚୟ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଆର୍ଥିକ ସାକ୍ଷରତା ଶିବିର, ବୃକ୍ଷରୋପଣ ତଥା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ସମ୍ମାନିତ ସଭା ଆଦି କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଆଜିର ସଞ୍ଚୟ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହ ସଞ୍ଚୟ ଓ ଆର୍ଥିକ ସେବା, ବାଲେଶ୍ୱର ନିର୍ଦ୍ଦେଶକ ଜିତେନ୍ଦ୍ର ନାଥ ନାୟକ, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶୁଭଶ୍ରୀ ମାନ୍ନା, ବରିଷ୍ଠ ରାଜସ୍ୱ ସହାୟିକା ସ୍ୱର୍ଣ୍ଣପ୍ରିୟା ଦାସ, ବାସୁଦେବ କର ଏବଂ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

